# ସୋମନାଥ ବ୍ରତ କଥା

ଏକ ଦିନକରେ କୈଳାସ ଶିଖରରେ ଈଶ୍ୱର ପାର୍ବତୀଙ୍କୁ ସଙ୍ଗତେ ଘେନି ଆନନ୍ଦରେ ବିହାର କରୁଛନ୍ତି । ସେଠାରେ ତେତିଶି କୋଟି ଦେବତା ବସିଛନ୍ତି । ଏମନ୍ତ ସମୟରେ ପାର୍ବତୀ ପଚାରିଲେ, ହେ ସ୍ୱାମୀ ! କେଉଁ ବ୍ରତ କଲେ ତୁମ୍ଭ ମନରେ ସନ୍ତୋଷ ହୁଅଇ ମୋତେ କହିବା ହୁଅନ୍ତୁ । ମୁଁ ସେ ବ୍ରତ କରିବି । ଏହା ଶୁଣି ଈଶ୍ୱର ହସି ହସି କହିଲେ, ଭୋ ଦେବୀ ପାର୍ବତୀ, ତାହା କହୁଅଛି ଶୁଣ । ଆମ୍ଭର ସୋମନାଥ ବ୍ରତ ବୋଲି ଗୋଟିଏ ପ୍ରଧାନ ବ୍ରତ ଅଛି । ତୁମ୍ଭେ ସେ ବ୍ରତ କର । ପାର୍ବତୀ ପଚାରିଲେ, ସେ ବ୍ରତ କଲେ କିଫଳ ମିଳଇ ? ହେ ପ୍ରିୟେ କହୁଛି ଶୁଣ । ପୂର୍ବକାଳରେ ମାଳବ ଦେଶର ବୀରବିକ୍ରମ ପାଟିଳି ବୋଲି ଜଣେ ରାଜା ଥାନ୍ତି । ସେହି ରାଜ୍ୟକୁ ଆମ୍ଭର ଷାଠିଏଜଣ କପୋତି ଗଲେ । ସେହି ରାଜ୍ୟର ଲୋକମାନେ ସୋମନାଥ ବ୍ରତ କରୁଛନ୍ତି । କପୋତିମାନେ ସେ ନଗର ଦେଖି ବଡ଼ ସନ୍ତୋଷ ହେଲେ । କପୋତିମାନେ ରାଜସିଂହଦ୍ୱାରେ ପ୍ରବେଶ ହେଲେ । ଦ୍ୱାରପାଳଙ୍କୁ କହିଲେ ଆମ୍ଭେ ଯାଇ ରାଜାଙ୍କୁ ଭେଟିବୁ । ଦ୍ୱାରପାଳ ଯାଇ ରାଜାଙ୍କ କହିଲା, ଶ୍ରୀ ସୋମନାଥଙ୍କର ଷାଠିଏ ଜଣ କପୋତି ଆସିଛନ୍ତି, ତୁମ୍ଭଙ୍କୁ ସୋମନାଥଙ୍କର ପ୍ରସାଦ ଦେବେ । ଦ୍ୱାରପାଳ ବଚନ ଶୁଣି ରାଜା ବଡ଼ ସନ୍ତୋଷ ହେଲେ । ରାଜା କହିଲେ, ତାଙ୍କୁ ଘେନିଆସ । ଦ୍ୱାରପାଳ ଯାଇ କହିଲା ହେ କପୋତିମାନେ, ତୁମ୍ଭେ ଭିତରକୁ ଆସ । ଏ ବଚନଶୁଣି କପୋତିମାନେ ରାଜାଙ୍କ ଛାମୁକୁ ଗଲେ । ରାଜା କପୋତୀମାନଙ୍କୁ ଅର୍ଘ୍ୟଦେଇ ପୂଜା କଲେ । କପୋତିମାନେ ସନ୍ତୋଷ ହୋଇ ଶ୍ରୀ ସୋମନାଥଙ୍କୁ ବ୍ରତ ବିଭୂତି ପ୍ରସାଦ ଦେଲେ । ରାଜା କପୋତିମାନଙ୍କୁ ପଚାରିଲେ, ହେ କପୋତୀମାନେ କାହିଁକି ଏଠାକୁ ଆସିବା ହେଲେ, ଏହା କହିବା ହେଉ ? କପୋତିମାନେ କହିଲେ, ଆମ୍ଭେ ପଶ୍ଚିମ ସୋମନାଥଙ୍କ କପୋତୀ, ତୁମ୍ଭର କୀର୍ତ୍ତି ଶୁଣି ଏଠାକୁ ଅଇଲୁ । ଏହା ଶୁଣି ରାଜା ବଡ଼ ସନ୍ତୋଷ ହେଲେ । ହେ କପୋତୀମାନେ ଆଜି ମୋହର ବଡ଼ ଭାଗ୍ୟ ଆଜି ମୋହର ପୁରରେ ରହି ଭୋଜନ କରିବ । ଏ ଉ ାରୁ ରାଜା ରାନ୍ଧୁଣିଆମାନଙ୍କୁ ଡକାଇ କହିଲେ, ହେ ସୁପକାରମାନେ ସୋମନାଥଙ୍କଠାରୁ ଷାଠିଏ ଜଣ କପୋତି ଆସିଛନ୍ତି, ସେମାନେ ଭୋଜନ କରିବେ । ଏହାଶୁଣି ସୁପକାରମାନେ ଯାଇ ଷଡ଼ରସ ପାକ ନିର୍ଭାକଲେ । ରାଜାଙ୍କୁ ଯାଇ ଜଣାଇଲେ ଭୋ ଦେବ, ପାକ ନିର୍ଭା ହେଲା । ରାଜା କପୋତିମାନଙ୍କୁ କହିଲେ ସ୍ନାନକରି ଆସ, ବହୁତ ଉଛୁର ହେଲାଣି । ଏହାଶୁଣି କପୋତିମାନେ ସ୍ନାନକରି ନିତ୍ୟକର୍ମ ସାରି ଭୋଜନ ମନ୍ଦିରେ ପ୍ରବେଶ ହେଲେ । ରାଜା କପୋତିମାନଙ୍କୁ ଆସନ ଦେଇ ବସାଇଲେ । ରାଜା ବସିଲେ ପତ୍ର ପକାଇଲେ । ସୁବର୍ଣ୍ଣ ଝରିରେ ଜଳ ଦେଲେ । ଅନ୍ନ ପରସିଲେ, ନାନାଦି ବ୍ୟଞ୍ଜନ ଦେଲେ, ଘୃତ ଦେଲେ, ଖୀରି ପିଠା ଦେଲେ, ଲଡୁ ଛେନା ଦେଲେ । କପୋତିମାନେ ଭୋଜନ କଲେ । କପୋତିମାନେ କହିଲେ ଆମ୍ଭେ ସନ୍ତୋଷ ହେଲୁ । ହେ ରାଜା ତୁମ୍ଭେ କି ବର ମାଗୁଛ ମାଗ । ରାଜା କହିଲେ ମୁଁ କି ବର ମାଗିବି ? ତୁମ୍ଭେ ଯାଚିକରି ଦିଅ । କପୋତିମାନେ କହିଲେ ଆମ୍ଭର ସୋମନାଥ ବ୍ରତ କର । ପୁତ୍ରପୁତ୍ରୀ ଅନେକ ସମ୍ପଦ ପାଇବ । ରାଜା ହରଷ ହୋଇ ବୋଇଲେ, ହେ କପୋତୀମାନେ ସେ ବ୍ରତର ବିଧାନ ଆମ୍ଭଙ୍କୁ କହିବା ହେଉ । କପୋତିମାନେ ବୋଇଲେ ହେ ରାଜାଶୁଣ । ଆଶ୍ୱିନ ମାସ ଶୁକ୍ଳ ଦଶମୀ ଦିନ ଏ ବ୍ରତ କରିବ । ପ୍ରାତଃକାଳୁ ସ୍ନାନ କରିବ, ଦଶମେ ି ହଳଦୀ କରିବ, ଦେଶ ମେ ି ଗନ୍ଧ କରିବ । ଦଶଖଣ୍ଡ ଦାନ୍ତକାଠି

କରିବ, ଦଶଥର ଦାନ୍ତ ଘଷିବ, ଗନ୍ଧ ହଳଦୀ ଲଗାଇ ଦଶଥର ସ୍ନାନ କରିବ, ଶୁକ୍ଳ ବସ୍ତ୍ର ପିନ୍ଧିବ, ଦଶ ବର୍ଣ୍ଣର ଫୁଲ କରିବ । ଦଶଖିଅ ସୁତା କରିବ, ବ୍ରତରେ ଦଶ ଗଣ୍ଠି ପକାଇବ । ସ୍ଫଟିକ ଲିଙ୍ଗ କରିବ। ନହେଲେ ମୃ ିକାରେ ଲିଙ୍ଗ ତିଆରି କରିବ। ରୁଦ୍ର ମଣ୍ଡଳ କାଟି ଲିଙ୍ଗ ସ୍ଥାପନ କରିବ । ଦଶବର୍ଣ୍ଣର ପୁର ଦେଇ ଦଶଗୋଟି ପିଠାକରି ପୂଜା କରିବ । ବ୍ରାହ୍ମଣଙ୍କ ଠାରୁ ସୋମନାଥ ବ୍ରତ କଥା ଶୁଣିବ। କଥା ଶୁଣିସାରି ଦୂର୍ବାକ୍ଷତ ଚଢାଇବ, ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବ । ଏହି ବିଧି ଅନୁସାରେ ବ୍ରତ କଲେ ମନବାଞ୍ଛିତ ଫଳ ପାଇବ । ରାଜା ଏ ବଚନ ଶୁଣି କହିଲେ - ହେ କପୋତିମାନେ ଏ ବ୍ରତ ମୋ ମନକୁ ପାଇଲାନି । ତ୍ରିଲୋକର ରାଜା ଭଲ ବ୍ରତ କଲା ବୋଲି ଲୋକେ ଉପହାସ କରିବେ । ରାଜାଙ୍କ ବଚନ ଶୁଣି କପୋତିମାନେ କହିଲେ - ହେ ରାଜା, ଏ କଥା ଶୁଣି ଆମ୍ଭ ମନରେ କଷ୍ଟ ହେଲା। ତୁମ୍ଭେ ସୋମନାଥ ବ୍ରତ ନିନ୍ଦା କଲ । ଏଣୁକରି ତୁମ୍ଭ ଦେହରେ କୁଷ୍ଠବ୍ୟାଧି ହେଉ । କପୋତିମାନେ ଏପରି ଶାପ ଦେଇ ବାହାରିଗଲେ । ସେହିକ୍ଷଣି ରାଜା ଦେହରେ କୁଷ୍ଠବ୍ୟାଧି ହେଲା । କର ଚରଣ ଖଣ୍ଡିଆ ହେଲା। ରାଜା ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ତାଙ୍କ ଭାରିଯାକୁ ପୂର୍ବ ବୃ ାନ୍ତ ସବୁ କହିବାରୁ ରାଣୀ କହିଲେ, ତୁମ୍ଭେ ଶ୍ରୀ ସୋମନାଥଙ୍କୁ ନିନ୍ଦା କରିବାରୁ ତୁମ୍ଭଙ୍କୁ ଏହା ହେଲା । ତୁମ୍ଭେ ଶ୍ରୀ ସୋମନାଥଙ୍କ ଦର୍ଶନ କରିବା ସକାଶେ ଯାଅ । ତୁମ୍ଭର ଏହି ରୋଗ ଭଲ ହେବ । ରାଜା ଏହା ଶୁଣି ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବାକୁ ଉଦ୍‌ଯୋଗ କଲେ । ରାଣୀଙ୍କୁ କହିଲେ, ଆମ୍ଭେ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବାକୁ ଯାଉଛୁ । ଆମ୍ଭ ରୋଗ ଭଲ ହେବ । ଏହା ଶୁଣି ରାଣୀ କହିଲେ, ମୁଁ ପତିବ୍ରତା କାହାକୁ ସେବିବି । ରାଜା କହିଲେ ଆମ୍ଭର କଠାଉକୁ ପୂଜା କରିବ। ଏହିପରି ରାଜା କହିବାରୁ ରାଣୀ କଠାଉ ପୂଜାକରି ରହିଲେ। ରାଜା ସମସ୍ତଙ୍କୁ ପ୍ରବୋଧନା ଦେଇ ନଅରରୁ ବାହାରିଗଲେ । ସେ ପଶ୍ଚିମ ସୋମନାଥଙ୍କୁ ଭେଟିଲେ। ଶ୍ରୀ ସୋମନାଥଙ୍କୁ ସ୍ତୁତିକରି ସ୍ତବ ପାଠକଲେ । ବୀର ବିକ୍ରମ ପାଟଳି ରାଜାଙ୍କର ଆତୁର ସହି ନପାରି କପୋତିମାନେ ଶ୍ରୀ ସୋମନାଥଙ୍କୁ କହିଲେ, ହେ ପ୍ରଭୁ ବୀରବିକ୍ରମ ରାଜା ରାଜ୍ୟ ଛାଡ଼ି ତୁମ୍ଭଙ୍କୁ ଦର୍ଶନ କରିବାକୁ ଆସିଛି । ଶ୍ରୀ ସୋମନାଥ କହିଲେ, ତାକୁ ଛାଡ଼ି ନଦେଇ ଦ୍ୱାରେ ରଖ । କପୋତିମାନେ ଯାଇ କହିଲେ, ହେ ରାଜା ! ପ୍ରଭୁଙ୍କର ଆଜ୍ଞା ନାହିଁ। ତାଙ୍କ ଆଜ୍ଞା ହେଲେ ଆସିବ, ଏହି ମଣ୍ଡପରେ ଥାଅ । ତେଣେ ରାଜ୍ୟ ହତଲକ୍ଷ୍ମୀ ହେଲା। ରାଜାର ପୁଅ ଭିକ୍ଷାମାଗି ଆଣିଲେ ରାଣୀ ରନ୍ଧା କରନ୍ତି । ଏହିରୂପେ କେତେଦିନ ଗଲା । ଦିନେ ରାଜା ପୁଅ ଗୋଟିଏ ଗ୍ରାମକୁ ଭିକ୍ଷା ମାଗି ଯାଇଥିଲା । ସେ ଗ୍ରାମର ପାତ୍ର ମନ୍ତ୍ରୀ ପଚାରିଲେ ତୁମ୍ଭେ ତ ବିକ୍ରମ ରାଜାଙ୍କର ପୁଅ, କାହିଁକି ଭିକ୍ଷା କରୁଅଛ। ଏହାଶୁଣି ରାଜକୁମାର ତାଙ୍କୁ କହିଲା - ଆମ୍ଭ ରାଜା ସୋମନାଥଙ୍କର ବ୍ରତ ନିନ୍ଦା କରିବାରୁ ତାଙ୍କ ହାତ ଗୋଡ଼ ଖଣ୍ଡିଆ ହୋଇ ହତଲକ୍ଷ୍ମୀ ହେଲେ। ତେଣୁ ମୁଁ ଭିକ୍ଷା କରୁଛି । ପାତ୍ରମନ୍ତ୍ରୀମାନେ ରାଣୀଙ୍କୁ ରାଜ୍ୟରୁ ଘଉଡ଼ି ଦେଲେ। ସେ ରାଜ୍ୟରେ ପାତ୍ର ରାଜାହେଲେ। ରାଣୀ ଦୁଇଗୋଟି ପୋଇଲି ଧରି ବ୍ରାହ୍ମଣ ଶାସନରେ ରହିଲେ। ଏକ ଦିନରେ ଶ୍ରୀ ସୋମନାଥଙ୍କ କପୋତିମାନେ ପୁଣି ସେହି ବ୍ରାହ୍ମଣ ଶାସନକୁ ଗଲେ। ବ୍ରାହ୍ମଣୀମାନେ ଶ୍ରୀ ସୋମନାଥଙ୍କ କପୋତୀମାନଙ୍କୁ ଦେଖି ପୂଜା କଲେ। କପୋତୀମାନେ କହିଲେ - ତୁମ୍ଭେମାନେ ଶ୍ରୀ ସୋମନାଥ ବ୍ରତ କର। ଏହି ବ୍ରତ କଲେ ଧନ, ଜନ, ଗୋପଲକ୍ଷ୍ମୀ ପାଇବ। ଏହାଶୁଣି ବ୍ରାହ୍ମଣୀମାନେ କହିଲେ, ସେ ବ୍ରତ କିପରି କହନ୍ତୁ । କପୋତୀମାନେ କହିଲେ, ସେ ବ୍ରତର ବିଧାନ ଶୁଣ। ଦର୍ଶବର୍ଣ୍ଣର ଫୁଲ କରିବ, ଦଶ ବର୍ଣ୍ଣର ଫଳ କରିବ, ଦୁବ ଦଶନାଡ଼ କରିବ, ଦଶଗୋଟି ଶୁକ୍ଳ ଉଆଚାଉଳ

କରିବ । ଦଶଖିଅ ସୂତା କରିବ, ବ୍ରତରେ ଦଶ ଗଣ୍ଠି ପକାଇବ, ଦଶବର୍ଣ୍ଣର ପୁରଦେଇ ଦଶଟି ପିଠା କରିବ, ରୁଦ୍ର ମଣ୍ଡଳ କାଟିବ, ଅର୍ଘ୍ୟ ଦେବ, ଦଶବର୍ଣ୍ଣର ପୁରଦେଇ ପିଠାକରି ସୋମନାଥଙ୍କୁ ପୂଜା କରିବ ଓ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବ । ଏହାଶୁଣି ବ୍ରାହ୍ମଣୀମାନେ ହରଷ ହୋଇ ବ୍ରତ କଲେ । ଏମନ୍ତ ସମୟରେ ରାଣୀଙ୍କ ପୋଇଲି ଦେଖି ରାଣିଙ୍କି କହିଲେ । ରାଣୀ କହିଲେ ମୁଁ ସୂତା କଟାଇ, ତୁ ପାଣି ବୋହୁ, ଆମ୍ଭେ କି ବ୍ରତ କରିବା । ପୋଇଲି କହିଲା ବ୍ରାହ୍ମଣୀମାନଙ୍କୁ ବ୍ରତ ମାଗିବା । ପୋଇଲି ଯାଇ ବ୍ରାହ୍ମଣୀଙ୍କି ବ୍ରତ ମାଗିଲା । ବ୍ରାହ୍ମଣୀମାନେ ବ୍ରତ ଦେଲେ । ରାଣୀ ବିଧି ଅନୁସାରେ ବ୍ରତ କଲେ । ବ୍ରତ କରିବାରୁ ସୋମନାଥଙ୍କର ଦୟା ହେଲା । କେତେଦିନ ଉ ାରୁ ରାଜାର ଗୋଡ଼ ଭଲ ହେଲା । ରାଜା ଶ୍ରୀ ସୋମନାଥଙ୍କୁ ଦର୍ଶନ କଲେ । କପୋତିମାନେ କହିଲେ ହେ ରାଜା, ତୁ କଖାରୁ ଫୁଲରେ ଦେହ କଣ୍ଡୁ କରଇ ବୋଲି କହିଲୁ । ମଣ୍ଡାପିଠାରେ ତାଳୁ ଛିଡ଼ଇ ବୋଲି କହିଲୁ । ସେଥିଯୋଗୁଁ ଏ ଦୁଃଖ ପାଇଲୁ । ତୋର ଭାରିଜା ବିଧି ଅନୁସାରେ ଶ୍ରୀ ସୋମନାଥ ବ୍ରତ କରିବାରୁ ସୋମନାଥ ପ୍ରଭୁଙ୍କ ଦୟାହେଲା । ତୁ ରାଜ୍ୟରୁ ଯାଅ । ରାଜା କହିଲେ, ତୁମର ବଚନ ନାସ୍ତି କରିବାରୁ ମୁଁ କଷ୍ଟ ପାଇଲି । ଏହାଶୁଣି ରାଜ୍ୟକୁ ଗଲେ । ଦେଖିଲେ ରାଜ୍ୟରେ ରାଣୀ ନାହାନ୍ତି । ଲୋକ ପଠାଇ ବ୍ରାହ୍ମଣ ଶାସନରୁ ରାଣୀଙ୍କୁ ଆଣିଲେ । ରାଣୀ ସକଳ କଥା ରାଜାଙ୍କୁ କହିବାରୁ ରାଜା ଗାତଖୋଳି ପାତ୍ରର ବଂଶସାରା ପୋତାଇ ଦେଲେ । ରାଜା ରାଣୀ ପୁତ୍ର ପୌତ୍ରୀ ଧରି ସୁଖରେ ରହିଲେ । ନାରୀମାନେ ବିଧି ଅନୁସାରେ ଏ ବ୍ରତ କଲେ ଧନଧାନ୍ୟ ପୁତ୍ର ପୌତ୍ରୀ ଧରି ଘର କରନ୍ତି । ଅନ୍ତେ ସଦ୍‌ଗତି ଲଭନ୍ତି ।

॥ ଇତି ଶ୍ରୀ ସୋମନାଥ ବ୍ରତକଥା ସମ୍ପୂର୍ଣ୍ଣ ॥


**ପ୍ରକାଶକ : ଓଡ଼ିଆ ନାରୀ ଡଟ୍ କମ୍**

Brought to you by : **oriyanari.com**